# Chapter- 2
# ଉଦ୍‌ବୋଧନ

**WORKSHEET**

୧.  ବ୍ୟାଖ୍ୟା କର – ସ୍ୱଭାବ କବି ଗଙ୍ଗାଧର ମେହେର

୨.  ୫୦ ଶବ୍ଦ ମଧ୍ୟରେ ଲେଖ – ମାତୃଭାଷାହିଁ ଗୋଟିଏ ଜାତିର ଅସ୍ମିତାର ପରିଚୟ ।

୩.  ତୁମେ ତୁମ ମାତୃଭାଷାକୁ ଭଲ ପାଅ କି ଓ କାହିଁକ ? ନିଜ ଭାଷାରେ ବୁଝାଇ ଲେଖ ।

୪.  ମହୁମାଛି ଓ ପିମ୍ପୁଡ଼ି ମଧ୍ୟରୁ ତୁମେ କ’ଣ ଶିକ୍ଷାଲାଭ କଲ ?

୫.  **ଗଦ୍ୟରୂପ ଲେଖ ।**

ପରକାଶ, ମୁରୁଛନା, ପରବତ, କଉଶଳ, ଶଇଶବ

୬.  **ବିପରୀତ ଶବ୍ଦ ଲେଖ ।**

ଆଶୀର୍ବାଦ, ଉପକାର, ପ୍ରବେଶ, ନୂଆ, ଜନ୍ମ

୭.  **ସଂକ୍ଷିପ୍ତ ପ୍ରଶ୍ନାବଳୀ**

(କ)  ‘ଉଦ୍‌ବୋଧନ’ କବିତାରେ ମହୁମାଛି ବିଷୟରେ କବି ଲେଖିଛନ୍ତି କାହିଁକି ?

(ଖ)  ମଣିଷର ଉନ୍ନତି ସହିତ ଭାଷାର କି ସଂପର୍କ ରହିଅଛି ?

(ଗ)  ଭାଷାର ଉନ୍ନତି ନହେଲେ ଆମର କି କି ଅସୁବିଧା ହେବ ?

(ଘ)  ହୃଦୟରେ ଉଚ୍ଚ ଅଭିଳାଷ ପୋଷଣ କରିବା କାହିଁକି ଦରକାର ?

(ଙ)  ପ୍ରତିବେଶୀଙ୍କ ସହିତ ନିଜକୁ ତୁଳନା କରିବା ପାଇଁ କବି କାହିଁକି କହିଛନ୍ତି ?

(ଚ)  ଜାତିର ଉନ୍ନତି ହାସଲ କରିବା ନିମନ୍ତେ କବି କି କି ପରାମର୍ଶ ଦେଇଛନ୍ତି ?

୮.  **ସପ୍ରସଙ୍ଗ ସରଳାର୍ଥ ।**

(କ)  ସୁପ୍ତ ସିଂହ ମୁଖେ ନ ପଶେ ଆହାର,

ODM EDUCATIONAL GROUP Changing your Tomorrow

ଶ୍ରମେ ପିପୀଲିକା ପୂରାଏ ଭଣ୍ଡାର ।

(ଖ) ଉଚ୍ଚ ହେବା ପାଇଁ କର ଯେବେ ଆଶା,

ଉଚ୍ଚ କର ଆଗେ ନିଜ ମାତୃଭାଷା ।

(ଗ) ଶୁଭ କର୍ମ ପଥେ ହୁଅ ଅଗ୍ରସର

ଚକ୍ଷୁ ମଳିବାକୁ ନାହିଁ ଅବସର ।

**୯. ବସ୍ତୁନିଷ୍ଠ ପ୍ରଶ୍ନାବଳୀ ।**

(କ) 'ଉଦ୍‌ବୋଧନ' କବିତାଟି କେଉଁ କବିତା ପୁସ୍ତକରୁ ଆନୀତ ?

(i)ତପସ୍ୱିନୀ (ii)ଇନ୍ଦୁମତୀ (iii)ଅର୍ଘ୍ୟଥାଳୀ (iv)କୀଚକ ବଧ

(ଖ) 'ଉଦ୍‌ବୋଧନ' କବିତାର କବିଙ୍କୁ କେଉଁ କବି ବୋଲି କୁହାଯାଏ ?

(i)କବିବର (ii)ବ୍ୟାସ କବି (iii)ପଲ୍ଲୀ କବି (iv)ସ୍ୱଭାବ କବି

(ଗ) କେଉଁ ଭାଷା ବିନା କୌଶଳଜନକ ଜ୍ଞାନ ଜନ୍ମ ହୋଇପାରେ ନାହିଁ ?

(i)ଜ୍ଞାନଭାଷା (ii)ମୁଖଭାଷା (iii)ଉଚ୍ଚାରିତ ଭାଷା (iv)ବ୍ୟକ୍ତ ଭାଷା

(ଘ) ସୂର୍ଯ୍ୟଙ୍କ କିରଣରେ ଯେଉଁମାନେ ଉତ୍‌ଫୁଲ୍ଲିତ ହୁଅନ୍ତି ?

(i)ଉତ୍କଳବାସୀ (ii)ବିହଙ୍ଗମଦଳ (iii)ପୃଥିବୀବାସୀ (iv)ଗାଆଁଲୋକ

(ଙ) 'ପ୍ରତିବେଶୀ' ଶବ୍ଦର ଅର୍ଥ କ'ଣ ?

(i)ଭାଇ (ii)ଦାଦା (iii)ପଡୋଶୀ (iv)ଗ୍ରାମବାସୀ

ODM EDUCATIONAL GROUP Changing your Tomorrow